ଶନିବାର, ୨୪ ସେପ୍ଟେମ୍ବର, ୨୦୨୨

# ପିଲାଙ୍କ ଧରିତ୍ରୀ





# ଖିଲି ଖିଲି ହସ

ଦୁଇ ସାଙ୍ଗଙ୍କ ମଧ୍ୟରେ କଥାବାର୍ତ୍ତା

**ପ୍ରଥମ ସାଙ୍ଗ:** କହିଲୁ, ଦୁନିଆର ସବୁଠାରୁ ହିସାବି ବେପାରୀ କିଏ ?

**ଦ୍ୱିତୀୟ ସାଙ୍ଗ:** ଗୁପ୍‌ଚୁପ୍‌ବାଲା।

**ପ୍ରଥମ ସାଙ୍ଗ:** କେମିତି ?

**ଦ୍ୱିତୀୟ ସାଙ୍ଗ:** ଯିଏ ଯେତେ ବି ଷ୍ଟାଇଲ୍ ଦେଉ, ହେଲେ ସେ ତା' ଗୁପ୍‌ଚୁପ୍ ଗଣିବା କେବେ ଭୁଲି ନ ଥାଏ।

ଏକ ଛକ ଜାଗାରେ ଠିଆ ହୋଇଥିବା ଜଣେ ବ୍ୟକ୍ତି ମୋଟରସାଇକେଲରେ ଯାଉଥିବା ବ୍ୟକ୍ତିଙ୍କୁ ପଚାରିଲେ- ଆରେ ଭାଇ, ମୁଁ ଲାଲ୍‌କିଲା ଯିବି। ଚାଲିକି ଯାଉଥିବା ଆଉ ଜଣେ ବ୍ୟକ୍ତି କହିଲେ- ଭାଇ ତୁମେ ଯଦି ଲାଲ୍‌କିଲା ଯିବ ଯାଅ, ଏମିତି ସମସ୍ତଙ୍କୁ ପଚାରି ପଚାରି ଗଲେ କେଉଁ ଦିନ ପହଞ୍ଚିବ ?

**ନାତି ତା' ବୁଢ଼ୀମା'ଙ୍କୁ କହିଲା:** ମା' ତୁ ଡ୍ରାମାରେ କେବେ ଭାଗନେଇଛୁ ?

**ବୁଢ଼ୀମା':** ନା।

**ନାତି:** ହେଲେ ଆଜି ମାମା ପାପା କଥା ହେଉଥିଲେ ତୁ ଯଦି ଏଠି ରହିବୁ ଡ୍ରାମା ହେବ।

# ଗୁଗୁନର ଗୁହାରି

ଆଗକୁ ପୂଜା ଆସୁଛି। ସେଥିପାଇଁ ଗୁଗୁନର ମନ ବହୁତ ଖୁସି। ବାପାଙ୍କ ସାଙ୍ଗେ ସେ ବିଭିନ୍ନ ପୂଜା ମଣ୍ଡପ ବୁଲିବ, ଠାକୁର ଦେଖିବ। କେତେ ଜିନିଷ କିଣିବ। ହେଲେ ଏସବୁ ଖୁସି ଭିତରେ ତା' ମନରେ ଦୁଃଖ ଯେ ତା' ଜେଜେମା'ଙ୍କ ଦେହ ଭଲ ନାହିଁ।

ଜେଜେମା' ତାକୁ ବହୁତ ଭଲ ପାଆନ୍ତି। ପାଖରେ ବସାଇ କେତେ ଗପ ଶୁଣାନ୍ତି। ତାଙ୍କୁ ୮୦ ବର୍ଷ ଉପରେ ହେଲାଣି। ତଥାପି ସେ ପ୍ରାୟ ସୁସ୍ଥ ଅଛନ୍ତି। ଖାଲି ଯାହା ରକ୍ତଚାପ ଟିକେ ବଢ଼ିକି ଥାଏ। ଏଇ ମାସକ ତଳେ ତାଙ୍କ ଘରପାଖ ରାସ୍ତା ଦେଇ ଏକ ବର ଶୋଭାଯାତ୍ରା ଯାଉଥିଲା। ଶୋଭାଯାତ୍ରାରେ ଲୋକେ ପ୍ରବଳ ଶବ୍ଦ କରି ଡିଜେ ବଜାଉଥିଲେ ଓ ନାନା ବାଦ୍ୟଯନ୍ତ୍ର ସହ ପ୍ରବଳ ବାଣ ମଧ୍ୟ ଫୁଟାଇଥିଲେ। ସେଇଦିନ ଜେଜେମାଙ୍କର କ'ଣ ହେଲା କେଜାଣି ସେ ଥରିବାକୁ ଲାଗିଲେ। ନିସ୍ତେଜ ହୋଇ ପଡ଼ିଗଲେ। ତାଙ୍କୁ ନିଦ ଆଦୌ ହେଲାନି। ସକାଳୁ ବାପା ଡାକ୍ତରଖାନାକୁ ନେଇଗଲେ। ଡାକ୍ତର କହିଲେ, ଉଚ୍ଚ ଧ୍ୱନିର ପ୍ରଭାବରେ ସେ ଏପରି ହୋଇଗଲେ। ତାଙ୍କୁ କୋଳାହଳଠାରୁ ଦୂରରେ ଶାନ୍ତ ପରିବେଶରେ ରଖନ୍ତୁ।

ପୂଜା ପାଖେଇ ଆସିଲାଣି। ଚାରିଆଡ଼େ ପୂଜା ମଣ୍ଡପରେ ମାଇକ୍ ବାଜିବ, ଡିଜେ ବାଜିବା ସହ ବିଭିନ୍ନ ପ୍ରକାର ବାଦ୍ୟଧ୍ୱନିରେ ଚାରିଆଡ଼େ କମ୍ପିବ। ଡାକ୍ତର କହିଛନ୍ତି ଏମିତି ଉଚ୍ଚ ଧ୍ୱନି ହେଲେ ଜେଜେମାଙ୍କର ରକ୍ତଚାପ ପୁଣି ବଢ଼ିବ। ହାର୍ଟ ଉପରେ ବି ବିପଦ ଅଛି। ଏକା କ'ଣ ତା' ଜେଜେମା, ସେ ବହିରେ ପଢ଼ିଥିଲା ଯେ, ଯେତେ ବୟସ୍କ ଲୋକ ଅଛନ୍ତି, ସମସ୍ତଙ୍କ ପାଇଁ ଉଚ୍ଚ ଧ୍ୱନି ବିପଦ। ଏହା ସେମାନଙ୍କ ସ୍ନାୟବିକ ଦୁର୍ବଳତା ସୃଷ୍ଟି କରେ, ମାନସିକ ଚାପ ସୃଷ୍ଟି କରେ, ଅସ୍ଥିରତା ବଢ଼ାଇ ଦିଏ।

ଖାଲି ବୟସ୍କ ଲୋକ କାହିଁକି, ଏମିତି ଚାରିଆଡୁ ପ୍ରବଳ ଡିଜେର ଶବ୍ଦ ଶୁଣାଗଲେ ତା'ର ମଧ୍ୟ କାନ କ'ଣ ହେଇଯାଏ, ମୁଣ୍ଡ ବଥାଏ ଓ କ୍ଳାନ୍ତ ଲାଗେ। ସେ ବିଜ୍ଞାନ ବହିରେ ପଢ଼ିଛି ଯେ ଏହାକୁ ଶବ୍ଦ ପ୍ରଦୂଷଣ କୁହାଯାଏ। ଏଥିରେ ମଣିଷ କ'ଣ ପଶୁପକ୍ଷୀମାନେ ମଧ୍ୟ ଭୟଭୀତ ହୁଅନ୍ତି। ଆଜି ବିଜ୍ଞାନ ଏତେ ଆଗେଇ ଗଲାଣି ଲୋକମାନେ କ'ଣ ଏକଥା ବୁଝୁଛନ୍ତି ? କୌଣସି ସାମାଜିକ ଉତ୍ସବ ହେଉ ବା ମେଳା ମହୋତ୍ସବ ବିକଟ ଶବ୍ଦ କରି ଡିଜେ ବଜାଉଛନ୍ତି। ସେମାନେ କ'ଣ ଜାଣିପାରୁ ନାହାନ୍ତି ଯେ ଏହା ଦ୍ୱାରା ସମାଜର କେତେ କ୍ଷତି ହେଉଛି। ସମସ୍ତେ କୁହନ୍ତି ନୀରବତା ସ୍ୱର୍ଣ୍ଣ ସଦୃଶ ମୂଲ୍ୟବାନ। ଆମେ କ'ଣ ଠାକୁରଙ୍କୁ ଶାନ୍ତ ଭାବରେ ପ୍ରାର୍ଥନା କଲେ ସେ ଶୁଣିବେ ନାହିଁ ?

ସେ ଦୁଇହାତ ଯୋଡ଼ି ତାଙ୍କ ଘରେ ଥିବା ମା' ଦୁର୍ଗାଙ୍କ ଫଟୋ ପାଖେ ବସିଲା। ନୀରବ ଭାବେ କହିଲା ମା', ତୁମେ ଆସିବ ବୋଲି ମେଘର ଘନଘଟା କମିଗଲା, ବିଲବାଡ଼ିରେ କାଶତଣ୍ଡୀ ଫୁଟି ତୁମକୁ ସ୍ୱାଗତ ଜଣାଇଲାଣି। ଏ ମଣିଷଙ୍କୁ ଟିକେ ସଦ୍‌ବୁଦ୍ଧି ଦିଅ ମା', ସେମାନେ ଯେମିତି ଶବ୍ଦ ପ୍ରଦୂଷଣ ନ କରି ଆପଣଙ୍କୁ ଶାନ୍ତଭାବେ ସମାଜର ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତୁ। ଗୁଗୁନର ମନକଥାକୁ ସମର୍ଥନ କରି ମା'ଙ୍କ ଫଟୋରୁ ଫୁଲଟିଏ ଖସି ପଡ଼ିଲା।




## ଗପ

-ଡ.ଜ୍ୟୋତିର୍ମୟୀ ମହାନ୍ତି
ବାଗସାହି, ଜଗତ୍‌ସିଂହପୁର
ମୋ: ୯୦୪୦୫୬୮୭୭୨

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ରଙ୍ଗ ଦିଅ



# ଐତିହାସିକ ରୋଚକ କଥା

- ଇଷ୍ଟର ଆଇଲାଣ୍ଡର ଗୋଟିଏ ଜାଗାରେ ପ୍ରାୟ ୮୮୭ ଟି ଖାଲି ମୁଣ୍ଡ ଥିବା ଷ୍ଟାଚ୍ୟୁ ରଖାଯାଇଛି। ଏହାକୁ 'ମୋଇ' କୁହାଯାଏ। କିନ୍ତୁ ଏମିତି ରଖିବା ପଛର କାରଣ କ'ଣ କାହାକୁ ବି ଜଣାନାହିଁ।
- ୱାଲ୍ଟ ଡିଜ୍‌ନି, ମାତ୍ର ୪ ବର୍ଷ ବୟସରେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ଏବେ ସେ ବେଷ୍ଟ ଆନିମେଟର୍ ଭାବେ ବିଶ୍ୱବିଖ୍ୟାତ।
- ପ୍ରାୟ ୪,୫୦୦ ବର୍ଷ ପୂର୍ବେ ଭାରତୀୟ ସଂସ୍କୃତି ଆରମ୍ଭ ହୋଇଥିଲା, ସେଥିପାଇଁ ଏହାକୁ ସବୁଠୁ ପୁରୁଣା ସଂସ୍କୃତି ଭାବେ ଗଣାଯାଏ।
- ଭାରତୀୟ କାଗଜ ଟଙ୍କାଗୁଡ଼ିକ କାଗଜରେ ତିଆରି ହୋଇ ନ ଥାଏ। ଏହା ୭୫ ପ୍ରତିଶତ ସୂତା ଏବଂ ୭୫ ପ୍ରତିଶତ ଲାଇଲନ୍‌ର ମିଶ୍ରଣରେ ପ୍ରସ୍ତୁତ ହୋଇଥାଏ।
- ପାବ୍‌ଲୋ ପିକାସ୍କୋ, ଦି ଗ୍ରେଟ୍ ପେଣ୍ଟର ମାତ୍ର ୧୦ ବର୍ଷ ବୟସରେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ।
- ଗଣିତରେ ବ୍ୟବହୃତ ହେଉଥିବା 'ଡେସିମଲ୍ ନମ୍ବର' ଭାରତରୁ ହିଁ ଆରମ୍ଭ ହୋଇଥିଲା।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ମତାମତ

➲ ପ୍ରଚ୍ଛଦ ପ୍ରସଙ୍ଗ 'ପିଲାଙ୍କ ପାଇଁ ଗାଡ଼ି' ବେଶ୍ ଶିକ୍ଷଣୀୟ ହୋଇପାରିଛି। ଏହି ବିଷୟରୁ ପିଲାମାନେ ଆମ ଆଇନକାନୁନ ବିଷୟରେ ଅବଗତ ହୋଇପାରିବେ।

**-ଅନ୍ୱେଷା ପ୍ରଧାନ,** କାକୁଡ଼ିଆ, ଜଟଣୀ

➲ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ବିଶ୍ୱରେ ବଡ଼ ଚଉଡ଼ା ପାଟି ଇସାକ୍‌ଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।

**-ଅନୀଲକାନ୍ତ ସାହୁ,** ବାଲିସାହି, ପୁରୀ

➲ 'ଆଇନା' ସ୍ତମ୍ଭରେ ଦୁଇ କୁନି ଝିଅଙ୍କ ଫଟୋ ଆକର୍ଷଣୀୟ ହୋଇଛି।

**-ପ୍ରତୀକ୍ଷା ଦାସ,** ମୋଦିପଡ଼ା, ସମ୍ବଲପୁର

➲ 'ଗୁରୁଜନଙ୍କ କଥା ମାନ' ଗପଟିରୁ ପିଲାଙ୍କ ପାଇଁ ନୀତିଶିକ୍ଷା ମିଳୁଛି। ଛୋଟ ପିଲା ନିଜ ରଚିତ ଗଳ୍ପ ପଠାଉଥିଲେ ସ୍ଥାନ ଦେବାକୁ ଅନୁରୋଧ।

**-ଦେବଦତ୍ତ ହୋତା,** ବାରିପଦା

# ଗତ ଥରର ରଙ୍ଗ ଦିଅ






**ଶ୍ରେୟାନ୍ ସାଇ ପ୍ରଧାନ**
କ୍ଲାସ୍-୩,
ସେଣ୍ଟ ଜାଭିୟର୍ସ ହାଇସ୍କୁଲ,
ସର୍ବୋଦୟନଗର, ପୁରୀ

ଆଜିକାଲି ପିଲାଙ୍କୁ ପାଠପଢ଼ା ସହ ହୋମ୍‌ୱର୍କ କରିବାର ଚିନ୍ତା ଘାରୁଛି। କିନ୍ତୁ ପିଲାମାନେ ଯଦି ହୋମ୍‌ୱର୍କକୁ ବୋଝ ବୋଲି ଭାବିବେ, ସେମାନେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବେ ନାହିଁ। ସ୍କୁଲରେ ଶିକ୍ଷକ ପାଠ ପଢ଼ା ସହ ଘରେ ସେମାନଙ୍କୁ ହୋମ୍‌ୱର୍କ କରିବାକୁ ଦେଇଥା'ନ୍ତି। ଯଦି ପିଲାମାନେ କେତୋଟି ଦିଗ ପ୍ରତି ନଜର ଦେବେ, ତାଙ୍କ ପାଠପଢ଼ାକୁ ସୁଚାରୁ ରୂପେ ଆଗେଇ ନେଇପାରିବେ...



# ହୋମ୍‌ୱର୍କ

ହୋମ୍‌ୱର୍କ କରିବା ପୂର୍ବରୁ ପିଲା ନିଜକୁ ଚିନ୍ତାମୁକ୍ତ ରଖିବା ଦରକାର। ନ ହେଲେ ଏହାକୁ ନେଇ ସେ ଦ୍ୱନ୍ଦ୍ୱରେ ପଡ଼ିଥାଏ। ତେଣୁ ପ୍ରଥମେ ଘରେ ଷ୍ଟଡି ସିଡ୍ୟୁଲ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ ପାଠ ପଢ଼ନ୍ତୁ। ଯଦି ପଢ଼ିବା ପରେ ମନ ଭଲ ଲାଗୁନି, ତେବେ କିଛି ସମୟ ବ୍ରେକ୍ ନିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପାଠପଢ଼ା ଏକ ଶାନ୍ତ ପରିବେଶରେ ହେବା ନିହାତି ଦରକାର। ତେବେ ପିଲା ଥଣ୍ଡା ମିଜାସରେ ହୋମ୍‌ୱର୍କ କରିପାରିବ। କେଉଁ ହୋମ୍‌ୱର୍କ କେତେବେଳେ କରିବେ, ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ଯେଉଁ ବିଷୟରେ ହୋମ୍‌ୱର୍କ ଦିଆଯାଇଛି, ତାହାକୁ ପ୍ରଥମେ ନିଜେ ଭଲ ଭାବରେ ବୁଝିବା ଦରକାର। ଯଦି ମନରେ କିଛି ସନ୍ଦେହ ଆସୁଛି, ତେବେ ଶିକ୍ଷକଙ୍କ ସହ ଯୋଗାଯୋଗ କରନ୍ତୁ। ପାଠକୁ ଠିକ୍ ଭାବରେ ବୁଝି ନ ପାରିଲେ ତାକୁ ପଢ଼ିବା ସହଜ ହୋଇ ନ ଥାଏ। ଏପରି କି ସମୟ ତା'ବାଟରେ ଆଗେଇ ଚାଲେ, ହେଲେ ପିଲାଟି 'କଣ କରିବି' ବୋଲି ବସି ଭାବି ହେଉଥାଏ। ସ୍କୁଲରେ କ'ଣ ହୋମ୍‌ୱର୍କ ଦିଆଯାଉଛି ତାହାକୁ ଭଲ ଭାବରେ ମନେରଖନ୍ତୁ। ଆଜି ଯଦି କୌଣସି ହୋମ୍‌ୱର୍କ ଦିଆଯାଇଛି। ତାକୁ ଆଜି ହିଁ ସାରିବାକୁ ଚେଷ୍ଟା କରନ୍ତୁ। ପିଲା ପାଠ ପଢ଼ିବା ପୂର୍ବରୁ ତାକୁ ହାଲ୍‌କା ସ୍ନାକ୍ସ ଖାଇବାକୁ ଦିଅନ୍ତୁ। ଖାଲି ପେଟରେ ପଢ଼ିଲେ କିଛି ମନେ ରୁହେନି। ହୋମ୍‌ୱର୍କକୁ ବୋଝ ବୋଲି ନ ଭାବିବା ଭଲ। ପିଲା ହୋମ୍‌ୱର୍କ କରିବା ସମୟରେ ତାକୁ ମୋଟିଭେଟ୍ କରନ୍ତୁ। କାରଣ ପିଲାର ଦାୟିତ୍ୱ ରହିଥାଏ, ଏହାକୁ ସେ କିପରି ଠିକ୍ ଭାବେ ସମ୍ପାଦନ କରିବ। ପିଲାମାନେ ଯଦି ଘରେ ହୋମ୍‌ୱର୍କ କରିବା ସମୟରେ କିଛି ଅସୁବିଧା ହୁଏ, ତେବେ ମା-ବାପାଙ୍କ ସହାୟତା ନେଇପାରନ୍ତି। ଏପରି କି ଏ ନେଇ ଟ୍ୟୁଟରଙ୍କ ସହ ଆଲୋଚନା କଲେ କିଛି କ୍ଷତି ନାହିଁ। ହୋମ୍‌ୱର୍କ କରିବା ସମୟରେ ଆଦୌ ତରବର ହୁଅନ୍ତୁ ନାହିଁ। ଏହାକୁ କିପରି ଭଲ ଭାବରେ ଶେଷ କରିବେ, ସେ ନେଇ ସମୟ ପ୍ରତି ନଜର ଦିଅନ୍ତୁ।



## ଥଣ୍ଡା ମନରେ ହୋମ୍‌ୱର୍କ କରେ



ପାଠ ପଢ଼ିବା ପୂର୍ବରୁ ମୁଁ ପ୍ରଥମେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। ସ୍କୁଲରୁ ଆସିବା ପରେ ଖେଳିବା ପାଇଁ ଯାଏ। ଫଳରେ ମୋ ମନ ଆଦୌ ଚାପରେ ରହି ନ ଥାଏ। ସବୁଠାରୁ ବଡ଼ କଥା ହେଲା, ପାଠକୁ ନେଇ କେବେ ଟେନ୍‌ସନ ହୁଏନା। ସ୍କୁଲରେ କ'ଣ ହୋମ୍‌ୱର୍କ ଦିଆଯାଇଛି ଏବଂ ତାହାକୁ କିପରି ଶେଷ କରିବି, ସେଥିପାଇଁ ପ୍ଲାନିଂ କରିଥାଏ। କ୍ଲାସରେ ପାଠପଢ଼ା ସମୟରେ ମୋ ମନ କେବଳ ପାଠରେ ଥାଏ। ପ୍ରତିଦିନ ସ୍କୁଲରେ ଯାହା ପଢ଼ାଯାଏ ଘରକୁ ଆସି ସନ୍ଧ୍ୟାରେ ତାହାକୁ ଭଲ ଭାବରେ ରିଭିଜନ କରେ। ଫଳରେ ହୋମ୍‌ୱର୍କ ମୋତେ ବୋଝ ପରି ଲାଗେନା। ପାଠପଢ଼ା ନେଇ କୌଣସି ସମସ୍ୟା ଥିଲେ ସଂପୃକ୍ତ ଟିଚରଙ୍କ ସହ ବିଶଦ ଭାବରେ ଆଲୋଚନା କରେ।

**-ବିନାୟକ କୁମାର ନାୟକ,** କ୍ଲାସ୍-୭, ହାଇଟେକ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର

## ପାଠକୁ ବୋଝ ନ ଭାବିଲେ ହୋମ୍‌ୱର୍କ ସହଜ ଲାଗିବ

କ୍ଲାସ୍‌ର ସୀମିତ ସମୟ ଭିତରେ କୌଣସି ପାଠ ଉପରେ ସବିଶେଷ ଆଲୋଚନା ସହଜ ନୁହେଁ। ଏହି ସମୟରେ ପିଲାମାନେ ପଢୁଥିବା ପାଠକୁ କିପରି ସହଜରେ ବୁଝିପାରିବେ ତାହା ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଧ୍ୟାନ ଦିଅନ୍ତି। ତା'ସହ ଘରେ କିଛି ପାଠ ପଢ଼ି କିମ୍ବା ଲେଖି ଆଣିବାକୁ କୁହାଯାଇଥାଏ। ଏହି ହୋମ୍‌ୱର୍କ କେତେକଙ୍କୁ ବୋଝ ପରି ଲାଗିଥାଏ। କାରଣ ଏପଟେ ସ୍କୁଲପଢ଼ା, ଟ୍ୟୁଶନ, ହୋମ୍‌ୱର୍କ- ଏସବୁକୁ ସମାନ୍ତରାଳ ଭାବରେ ଆଗେଇନେବା ସହଜ ନୁହେଁ। ତେଣୁ ପିଲାଏ, ତୁମେମାନେ ପ୍ରଥମେ ପାଠକୁ ବୋଝ ବୋଲି ଭାବନାହିଁ। ତେବେ ତୁମେମାନେ ନିଜର ହୋମ୍‌ୱର୍କକୁ ସହଜରେ ତୁଲାଇପାରିବ। ଆମ ସ୍କୁଲରେ ହୋମ୍‌ୱର୍କ ରେଜିଷ୍ଟର ଅଛି। ଏଥିରେ କେଉଁ କ୍ଲାସରେ କେଉଁ ବିଷୟରେ କ'ଣ ହୋମ୍‌ୱର୍କ ଦିଆଗଲା ତାହା ଲିପିବଦ୍ଧ ହୋଇଥାଏ ଏବଂ ପରେ ତାହାକୁ ତର୍ଜମା କରାଯାଏ। ସ୍କୁଲରେ ଶିକ୍ଷକଙ୍କ ସହ ଏବଂ ଘରେ ଗାର୍ଡିଆନ୍‌ଙ୍କ ସହ ଏବଂ ଟ୍ୟୁସନରେ ଟ୍ୟୁଟରଙ୍କ ସହ ପିଲାଙ୍କର ଉତ୍ତମ ସମନ୍ୱୟ ରହିବା ନିହାତି ଦରକାର। ତେବେ ସେମାନଙ୍କୁ ପାଠ ହାଲୁକା ଲାଗିବ। ହୋମ୍‌ୱାର୍କ କରିବା ସମୟରେ ପିଲାଟିର କ'ଣ ଅସୁବିଧା ରହୁଛି ତାହାକୁ ଲକ୍ଷ୍ୟ କରାଯାଇ ତାହାର ସମାଧାନ କରିବା ଆବଶ୍ୟକ। ପିଲା ଉପରେ ଯଦି ପାଠର ଚାପ ରହୁଛି, ତେବେ ତାହା କିପରି ହାଲୁକା ହେବ ସେ ବିଷୟରେ ଗାର୍ଡିଆନ୍, ଶିକ୍ଷକ ଏବଂ ଟ୍ୟୁଟର ସଚେତନ ରହିବା ଦରକାର। ତେବେ ଜଣେ ପିଲାର କ୍ୟାରିୟର ସୁରୁଖୁରୁରେ ଆଗକୁ ଆଗେଇ ପାରିବ।



**-ଗଗନ ବିହାରୀ ନନ୍ଦ, ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖଣ୍ଡଗିରିବାରି, ଭୁବନେଶ୍ୱର**

## ପାଠକୁ କଷ୍ଟ ମନେ କରେନି

ମୁଁ ପ୍ରତିଦିନ ସ୍କୁଲରେ କ'ଣ ପଢ଼ା ହେଉଛି ତାକୁ ଧ୍ୟାନ ସହକାରେ ଶୁଣେ। ତା'ପରେ ଘରେ ଆସି ତାକୁ ପଢ଼େ। ଯଦି ମିସ୍ କିଛି ହୋମ୍‌ୱାର୍କ କରିବାକୁ ଦେଇଥାନ୍ତି, ତାକୁ ନ ସାରିବା ପର୍ଯ୍ୟନ୍ତ ମୁଁ



କୌଣସିଠାରେ ମନ ଦିଏନି। ମୋର ଟେନଶନ୍ ଥାଏ ଯେ ମୁଁ କେମିତି ମୋ ଟାଇମ୍ ଭିତରେ ସାରିବି। ପାଠକୁ ଯଦି ଚ୍ୟାଲେଞ୍ଜ ଭାବିବା ସେ ଆମକୁ କେବେ ଡରାଇବ ନାହିଁ। ମୋତେ ଯଦି ହୋମ୍‌ୱାର୍କ କରିବା ସମୟରେ ବିରକ୍ତି ଭାବ ଆସେ ତେବେ ମୁଁ କିଛି ସମୟ ମଝିରେ ବ୍ରେକ୍ ନେଇ ପୁଣି ପଢ଼ିବାକୁ ବସିପଡେ।

**-ଅନୁଷ୍କା ପାତ୍ର,** କ୍ଲାସ୍- ୬, ଷ୍ଟୁଅର୍ଟ ସ୍କୁଲ,କଟକ


## ହୋମ୍‌ୱର୍କକୁ ଭଲ ଭାବରେ ବୁଝିଥାଏ

ମୁଁ ସବୁବେଳେ ପାଠପଢ଼ା ପ୍ରତି ବେଶ୍ ସଚେତନ ଥାଏ। କ୍ଲାସରେ କ'ଣ ପଢ଼ା ହେଉଛି ତାହାକୁ ଭଲ ଭାବରେ ଫଲୋ କରେ। ଟିଚର କ'ଣ ହୋମ୍‌ୱର୍କ ଦେଉଛନ୍ତି, ତାହାକୁ ଏକ ଅଲଗା ଖାତାରେ ଲେଖିଦିଏ। ଘରେ ମଧ୍ୟ ହୋମ୍‌ୱାର୍କ କରିବା ପୂର୍ବରୁ ସେହି ବିଷୟକୁ ଭଲ ଭାବରେ ପଢ଼େ। କ'ଣ ହୋମ୍‌ୱାର୍କ ଦିଆହୋଇଛି ବୁଝେ। ତେଣୁ ମୋତେ ଏହାକୁ କରିବାକୁ



କଷ୍ଟ ଲାଗେନା। ଯଦି କିଛି ଅସୁବିଧା ହୁଏ ମାମା ଏବଂ ବାବାଙ୍କ ପରାମର୍ଶ ନେଇଥାଏ। ମୁଁ ପାଠପଢ଼ାକୁ କଦାପି ଏକ ବୋଝ ବୋଲି ଭାବି ନ ଥାଏ। କାରଣ ନିଜ କ୍ୟାରିୟରକୁ ଆଗେଇ ନେବାକୁ ହେଲେ ମୋତେ ଭଲ ପଢ଼ିବାକୁ ହିଁ ପଡ଼ିବ। ସ୍କୁଲରେ ମଧ୍ୟ ପାଠପଢ଼ା ବିଷୟରେ ଟିଚରଙ୍କ ସହ ସବୁବେଳେ ଟଚ୍‌ରେ ଥାଏ। ଘରେ ପାଠ ପଢ଼ିବାକୁ ମୁଁ ରୁଟିନ୍ ପ୍ରସ୍ତୁତ କରିଛି ଏବଂ ତାହାକୁ ଠିକ୍ ଭାବରେ ଫଲୋ କରିଥାଏ।

**-ସାଇ ପ୍ରସାଦ ମିଶ୍ର,** କ୍ଲାସ୍-୭, କେନ୍ଦ୍ରୀୟ ବିଦ୍ୟାଳୟ-୧, ୟୁନିଟ୍-୯, ଭୁବନେଶ୍ୱର



୧



୨



୩




୭



୪



୫




୬



୮




**ଅନୁରାଗ ମହାନ୍ତି**
କ୍ଲାସ୍–୮,
ବୁର୍ଲା ଡିଏଭି
ସ୍କୁଲ, ସମ୍ବଲପୁର
୧



**ଅଙ୍କିତ୍ ରାଜ୍**
କ୍ଲାସ୍– ୪, ଖମାରସାହି
ନୋଡାଲ ଉଚ୍ଚ ବିଦ୍ୟାଳୟ,
ଖମାରସାହି, ଦଶପଲ୍ଲା,
ନୟାଗଡ଼
୩



**ଶାଶ୍ୱତୀ ସାମନ୍ତରାୟ**
କ୍ଲାସ୍– ୫
ସୋଫିଟୋରିୟମ୍
ପବ୍ଲିକ ସ୍କୁଲ,
ଜଟଣୀ, ଖୋର୍ଦ୍ଧା
୫



**ପୀୟୂଷ କୁମାର ହୋତା**
କ୍ଲାସ୍– ୮,
ସରସ୍ୱତୀ ଶିଶୁମନ୍ଦିର,
ସାକ୍ଷୀଗୋପାଳ,
ପୁରୀ
୭



**ସୌରଭ ରଞ୍ଜନ କର**
କ୍ଲାସ୍– ୪,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
କଲେଜଛକ, କଟକ
୨



**ଅଭିସୁମତ୍ ସାମଲ**
କ୍ଲାସ୍– ୨, ପ୍ରଭୁଜୀ ଇଂଲିଶ
ମିଡିୟମ୍ ସ୍କୁଲ,
ଭିଏସଏସ୍ ନଗର,
ଭୁବନେଶ୍ୱର
୪



**ରୁଦ୍ରାକ୍ଷ ପଟ୍ଟନାୟକ**
କ୍ଲାସ୍– ୫,
ୟଙ୍ଗ ଫୋନିକ୍ସ
ପବ୍ଲିକ ସ୍କୁଲ,
ନୟାହାଟ, ପୁରୀ
୬



**ପ୍ରଜ୍ଞା ପରମିତା ପୁରୋହିତ**
କ୍ଲାସ୍– ୭, ମହେନ୍ଦ୍ର ଉଚ୍ଚ
ବିଦ୍ୟାଳୟ, ରଥସାହି,
ଆଠମଲ୍ଲିକ, ଅନୁଗୋଳ
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




### ୟଙ୍ଗ୍ ହୁଲା ହୁପର

ନିତିଦିନିଆ ଜୀବନରେ ତୁମେମାନେ ଶିଡି ଚଢ଼ିବାଠାରୁ ଲିଫ୍ଟ କିମ୍ବା ଏସ୍କାଲେଟର ବ୍ୟବହାର କରୁଥିବ। ହେଲେ ତୁମେମାନେ ଜାଣିଛ, ତୁମ ଭଳି ୯ ବର୍ଷର ଆଦଭ ସୁକୁମାର ହୁଲା ହୁପିଙ୍ଗ କରି ୫୦ଟି ପାହାଚ ଚଢ଼ି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଚେନ୍ନାଇର ସୁକୁମାର ୫୦ଟି ପାହାଚ ଚଢ଼ିବାକୁ ୧୮.୨୮ସେକେଣ୍ଡ ସମୟ ନେଇଥିଲେ। ପ୍ରଥମେ ସେ ଅଣ୍ଟାରେ ହୁଲା ହୁପିଙ୍ଗକୁ ଘୂରେଇ ୩୮ଟି ପାହାଚ ଚଢ଼ିଥିଲେ, ପର ବିଲ୍ଡିଙ୍ଗ୍‌କୁ ଯିବା ପାଇଁ ପୁଣିଥରେ ୧୨ଟି ପାହାଚ ଚଢ଼ିଲେ। ଏହି ଗିନିଜ୍ ରେକର୍ଡ କରିବା ଲକ୍ଷ୍ୟ ରଖି ସେ ଦୁଇ ବର୍ଷ ପୂର୍ବରୁ ଅଭ୍ୟାସ କରିଥିଲେ। ପରେ ସେ ସବୁ ରେକର୍ଡ ଭାଙ୍ଗି ଗିନିଜରେ ସ୍ଥାନ ପାଇଥିଲେ। ଗିନିଜ୍ ରେକର୍ଡ୍ସ ସୋସିଆଲ୍ ହ୍ୟାଣ୍ଡେଲରେ ଏହି ଭିଡିଓ ଭାଇରାଲ୍ ହେବା ପରେ ସମସ୍ତେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୟୁଏସ୍‌ର ଆଶ୍ରିତ ଫରମ୍ୟାନ ୨୩.୩୯ ସେକେଣ୍ଡରେ କରିଥିବା ରେକର୍ଡକୁ ସୁକୁମାର ଭାଙ୍ଗିଛନ୍ତି।

## ଏଥରର



- ପ୍ରାଚୀନ ଓଡ଼ିଶାର କେଉଁ ଅଞ୍ଚଳକୁ ମହୁର ଭୂମି କୁହାଯାଏ ?
- ପ୍ରଥମ ଗୋଲ ଟେବୁଲ୍ ବୈଠକରେ ଓଡ଼ିଶାରୁ କିଏ ପ୍ରତିନିଧିତ୍ୱ କରିଥିଲେ ?
- ଜନସଂଖ୍ୟାରେ ଓଡ଼ିଶା ସାରା ଦେଶରେ କେତେ ତମ ସ୍ଥାନରେ ଅଛି ?
- ଓଡ଼ିଶାର କେଉଁ ନଦୀକୁ ଦୁଃଖର ନଦୀ କୁହାଯାଏ ?
- ଭାରତର କେଉଁ ରାଜ୍ୟରେ ସର୍ବାଧିକ ଆଖୁ ଉତ୍ପାଦନ କରାଯାଏ ?

## ଗତଥରର

- ୭୦ ବର୍ଷ
- ୧୦ ବର୍ଷ
- ୱିନ୍‌ଷ୍ଟନ ଚର୍ଚ୍ଚିଲ୍
- ତାଙ୍କ ବଡ଼ ପୁଅ ଚାର୍ଲ୍ସ
- ୩ ଥର





## କ ବି ତା

### ଶରତ

ପ୍ରକୃତି କୋଳରେ ହସୁଛି ଶରତ
ସତେକି ଆମରି ମିତ
ନୀଳ ଆକାଶରୁ ବରଷା ଝରିଲେ
ଗାଉଛି ପରାଣ ଗୀତ।
ସବୁଜିମା ଭରା ଧରଣୀ ବକ୍ଷରେ
ଫୁଟିଛି କି ପାରିଜାତ
ଚାମର ହଲେଇ କାଶତଣ୍ଡୀ ଫୁଲ
ହୁଏ କେଡ଼େ ଉତ୍‌ଫୁଲ୍ଲିତ।
ଝରା ଶେଫାଳି ଓ କାକର ଟୋପାରେ
ଅଶିଣର ଆଗମନ
ଦେବୀ ଦୁର୍ଗାଙ୍କର ଆବାହନ ପାଇଁ
ସୃଷ୍ଟି ହୁଏ ଶିହରଣ।
ରମ୍ୟ ପ୍ରକୃତିର ସୁଷମା ଭଣ୍ଡାର
ଈଶ୍ୱରଙ୍କ ଅବଦାନ
ଆମ ପରିବେଶ ନ ହେଉ ଦୂଷିତ
ସଭିଏଁ ଦିଅନ୍ତୁ ଧ୍ୟାନ।

**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ଭୁବନେଶ୍ୱର
ମୋ: ୯୪୩୭୭୬୪୦୧୪

### ଜୀବର ଜୀବନ

ଗୁଣେ ଅନୁପମ ଜଳ
ଜଳ ବିହୁନେ ସଂସାର ପାଲଟେ
କ୍ଷଣିକରେ ମରୁସ୍ଥଳ।
ଶୁଦ୍ଧ ନିରିମଳ ଜଳ
ବଢାଏ ପ୍ରାଣୀଙ୍କ ବଳ
ଜଳ ବିନା ଏଇ ସଂସାର ଅସାର
ଜଳ ଥିଲେ ସବୁ ଭଲ।
କାହାକୁ ରହିଛ ଚାହିଁ
ଆସ ମୋ ଭଉଣୀ ଭାଇ
ଜଳ ସଂରକ୍ଷଣ କାମରେ ଲାଗିବା
ଜଗତ ମଙ୍ଗଳ ପାଇଁ।

**–ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ**
ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର,
ମୋ: ୮୨୪୯୮୦୭୨୬୭

### ମା' ଆସୁଛନ୍ତି ବୋଲି

ବରଷା ଥମିଲା ଶରତ ଆସିଲା
ନିରିମଳ ଶୋଭା ମରତରେ
ଟଗର ହସୁଛି, ଶେଫାଳି ଖସୁଛି
ଜହ୍ନି ଫୁଲ ଉଙ୍କି ମାରେ।
ଧୋବ ଫରଫର ଦିଶଇ ଅମ୍ବର
କଳାମେଘ ଗଲା ଧଳା ପଡ଼ି,
ବିଜୁଳି ଘଡ଼ଘଡ଼ି ଫିକା ପଡ଼ିଗଲା
ଉଡ଼ିଲେଣି ଧଳା ବଗ ଧାଡ଼ି।
ମା' ଆସିଲେଣି ଦଶ ପହର
ଆସର ଜମୁଛି ବେଲୁ ବେଳ
ଜୟ ଜୟ ମା' ଦୁର୍ଗେ ଧ୍ୱନି ଶୁଭିବ
ପୂଜିବୁଲୋ ତୋ' ଚରଣ ତଳ।

**– ଶିବ ପ୍ରସାଦ ରାଉତ**
ବଛଡା, ବାସୁଦେବପୁର,ଭଦ୍ରକ
ମୋ: ୮୧୪୪୨୨୮୧୧୫

### ମହାମହିମ ରାଷ୍ଟ୍ରପତି



ଅଖ୍ୟାତ ପଲ୍ଲୀ ବିଖ୍ୟାତ ହେଲା ସେ ରାଇରଙ୍ଗପୁର
ଅଜେୟ ହେଲା ଯାତ୍ରା ତୁମର ଆଜି ରାଇସିନାର।
କାଳକାଳକୁ ଲିଖିତ ହେଲା ସ୍ୱର୍ଣ୍ଣାକ୍ଷରରେ ନାମ
ସଫଳ ହେଲା ଜୀବନବ୍ୟାପୀ ସାଧନା ପରିଶ୍ରମ।
ମାଟି ମାଆର ବରେଣ୍ୟା କନ୍ୟା ଗର୍ବର ହିମାଳୟ
ଦରଦୀ ତୁମ ହୃଦୟଭାଷା ସ୍ନେହ ଅତୁଳନୀୟ।
ଦ୍ରୌପଦୀ ମୁର୍ମୁ ନାରୀ ଜାତିର ଅସ୍ମିତା ସ୍ୱାଭିମାନ
ପଙ୍କରୁ ପଦ୍ମ ଫୁଟାଇ ଦେଇ ଓଡ଼ିଶା କଲ ଧନ୍ୟ।
ଭବିଷ୍ୟତର ପିଢ଼ି ପାଇଁକି ରଚିଲ ଇତିହାସ
ବିଶ୍ୱରେ ଆଜି ପ୍ରମାଣ କଲ ଜନଜାତିର ଯଶ।
ଜନ୍ମଭୂମିରୁ କର୍ମଭୂମିକୁ ଉନ୍ନତ କରି ଶିର
କୋଟି ହୃଦୟ ଜିଣି ଅଚିରେ ଜଣାଇଲ ଜୁହାର।
ଶିରୀକ୍ଷେତ୍ରରୁ ରାଜଧାନୀକୁ ଉଠେ ସାଗର ଢେଉ
ସବୁରି ମୁଖେ ଶୁଭିଲା ଜୟ ଜଗନ୍ନାଥଙ୍କ ହେଉ !

**–ନିରୁପମା ମହାପାତ୍ର**
**ରାମେଶ୍ୱର, ଖୋର୍ଦ୍ଧା**

## କହିଲ ଦେଖି

ବରଷା ପୂର୍ବରୁ ଆସଇ ସିଏ
ଉଜ୍ଜ୍ୱଳ ଆକାଶ ଅନ୍ଧାର ହୁଏ
ଦେଖିଦେଲେ ତାକୁ ନାଚେ ମୟୂର
ଦିଶୁଥାଏ ତାହା ଭାରି ସୁନ୍ଦର
ବରଷା ଆସିବା ସୂଚନା ଦିଏ
ନାମଟି ତାହାର କହିବ କିଏ ?



**ଉ- କଳାମେଘ**

ମେଘରାଣୀ ଯେବେ ସଜେଇ ହୁଏ
ତା'ପାଇଁକି ସିଏ ବାଜା ବଜାଏ
ଭୟଙ୍କର ଲାଗେ ସେହି ଶବ୍ଦଟି
କିଏ ସେ କହିବ ତାର ନାମଟି।



**ଉ- ଘଡ଼ଘଡ଼ି**

ଜୋର ଗହୀରରେ ହୋଇଲେ ପାଣି
କି ସୁନ୍ଦର ସିଏ ଛାଡେ ରାଗିଣୀ
କିଏ ସେ କହିବ ନାମଟି ତା'ର
ଜଳ ଓ ସ୍ଥଳ ସେ ଉଭୟଚର।




**ଉ- ବେଙ୍ଗ**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩

# ଜଣା ଅଜଣା

## ଘଣ୍ଟାକ ମଧ୍ୟରେ ଜାଲ ପ୍ରସ୍ତୁତ କରେ ବୁଢ଼ିଆଣୀ

ବୁଢ଼ିଆଣୀଙ୍କର ଆଠଟି ଗୋଡ଼ ଥାଏ । ଏମାନେ ଗୋଟିଏ ଘଣ୍ଟା ମଧ୍ୟରେ ଜାଲ ପ୍ରସ୍ତୁତ କରିଦିଅନ୍ତି । ପ୍ରତିଦିନ ନୂଆ ନୂଆ ଜାଲ ପ୍ରସ୍ତୁତ କରନ୍ତି । ଏମାନଙ୍କର ଦାନ୍ତ ନ ଥାଏ, ସେଥିପାଇଁ ଖାଦ୍ୟକୁ ଚୋବାଇ ପାରନ୍ତି ନାହିଁ । ଆଣ୍ଟାର୍କଟିକା ଏମିତି ଏକ ମହାଦେଶ, ଯେଉଁଠାରେ ବୁଢ଼ିଆଣୀ ଆଦୌ ଦେଖାଯାନ୍ତି ନାହିଁ ।





## ପର ଝଡ଼ିଲେ ଉଡ଼ିପାରନ୍ତି ନାହିଁ ହଂସ

ଅଣ୍ଡିରା ହଂସକୁ କବ୍ କୁହାଯାଉଥିବା ବେଳେ ମାଈ ହଂସକୁ ପେନ୍ କୁହାଯାଏ । ଛୋଟ ହଂସକୁ କୁହାଯାଏ ସିଗ୍ନେଟ୍ । ଜୁଲାଇ–ଅଗଷ୍ଟ ମାସ ମଧ୍ୟରେ ସେମାନଙ୍କ ପର ଝଡ଼ିଯାଇଥାଏ । ଏଥିପାଇଁ ଏମାନେ ଏଇ ସମୟ ମଧ୍ୟରେ ଉଡ଼ିବାକୁ ସକ୍ଷମ ହୋଇପାରନ୍ତି ନାହିଁ । ଯେତେବେଳେ ନୂଆ ପର ଆସେ, ସେ ପୁଣି ଉଡ଼ିବାକୁ ସକ୍ଷମ ହୁଅନ୍ତି ।



## ଖାଦ୍ୟକୁ ଗିଳିକି ଖାଏ

ସାପର ତ୍ୱଚା ଚିକ୍କଣ ଏବଂ ଶୁଷ୍କ ହୋଇଥାଏ । ସାପ ସାଧାରଣତଃ ମାଂସାହାରୀ । ଏମାନେ ଖାଦ୍ୟକୁ ଖଣ୍ଡ ଖଣ୍ଡ କରି ଖାଇ ପାରନ୍ତି ନାହିଁ । ଏଥିପାଇଁ ସେମାନଙ୍କ ଖାଦ୍ୟକୁ ଜିଅନ୍ତା ଗିଳି ଦିଅନ୍ତି ।

## ଘୁଷୁରି ତାଙ୍କ ଭାବ ବିନିମୟ କରିପାରନ୍ତି

ଘୁଷୁରିମାନେ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିପାରନ୍ତି । ମନୁଷ୍ୟ ପରି ଏମାନେ ସ୍ୱପ୍ନ ଦେଖିଥା'ନ୍ତି । ସେମାନ ଙ୍କ ଜୀବନକାଳ ପ୍ରାୟ ୮ ବର୍ଷ ହୋଇଥାଏ । ଏମାନେ କୁକୁରଙ୍କଠୁ ବି ଅଧିକ ଚତୁର । ଆଉ ଏମାନଙ୍କର ଘ୍ରାଣ ଏବଂ ସ୍ମରଣ ଶକ୍ତି ବି ପ୍ରଖର ।





## ବିପଦ ବେଳେ ଏକାଠି ହୁଅନ୍ତି ଜେବ୍ରା

ଜେବ୍ରାର ଲମ୍ବ ପାଖାପାଖି ୨.୬ ମିଟର ହୋଇଥାଏ । ଯଦି କୌଣସି ଜେବ୍ରାକୁ କିଏ ଆକ୍ରମଣ କରେ, ତେବେ ତାକୁ ବଞ୍ଚାଇବାକୁ ଅନ୍ୟ ଜେବ୍ରାମାନେ ଆସି ପହଞ୍ଚିଯାଆନ୍ତି । ଏମାନେ ବି ଦ୍ରୁତ ଗତିରେ ଦୌଡ଼ି ପାରନ୍ତି ।

# ଆ ଇ ନା



ପ୍ରତିଶ୍ରୁତି ମହାରଥା
୬ ବର୍ଷ / ଭୁବନେଶ୍ୱର



ସାନ୍ଭୀ ମହାପାତ୍ର
୮ ବର୍ଷ / ଭୁବନେଶ୍ୱର